ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

## କରୋନା ମହାମାରୀ ମୁକାବିଲା ସମୟରେ ପ୍ରାଣୀସମ୍ପଦ ବିକାଶ ପାଇଁ

# ବାଡ଼ି ଅଗଣାରେ କୁକୁଡ଼ାପାଳନ ମାଧ୍ୟମରେ ଚାଷୀଙ୍କୁ ଜୀବିକା ପ୍ରଦାନ

- କରୋନା ମହାମାରୀ ସମୟରେ ରାଜ୍ୟର ପ୍ରବାସୀ ମହିଳା କର୍ମଜୀବି, ମହିଳା ଚାଷୀ ଓ ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କୁ କର୍ମସଂସ୍ଥାନ ଯୋଗାଇଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର "ବାଡ଼ି ଅଗଣାରେ କୁକୁଡ଼ା ପାଳନ ମାଧ୍ୟମରେ ଚାଷୀଙ୍କୁ ଜୀବିକା ପ୍ରଦାନ" ଯୋଜନା କାର୍ଯ୍ୟକାରୀ କରିଛନ୍ତି।
- ଏହି ଯୋଜନାର ମୋଟ ଖର୍ଚ୍ଚ ଅଟକଳ ୩ କୋଟି ୬୩ ଲକ୍ଷ ୪୭ ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି ଓ ଏଥିରେ ୯୬୦୦ ହିତାଧିକାରୀ ସହାୟତା ପାଇବେ।
- ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟାମାନେ ବ୍ୟକ୍ତିଗତଭାବେ ଏହି ଯୋଜନାରେ ସହାୟତା ପାଇପାରିବେ। ସେଥିପାଇଁ ସେମାନେ ଡ଼ିପ୍ ଲିଟର୍ ପଦ୍ଧତିରେ ଅଣ୍ଡାଦିଆ କୁକୁଡ଼ା ପାଳନ ନିମନ୍ତେ ସହାୟତା ପାଇନଥିବା ଦରକାର।
- ସ୍ୱଳ୍ପ ଖର୍ଚ୍ଚଯୁକ୍ତ କୁକୁଡ଼ା ଚିଆଁ ଓ କୁକୁଡ଼ାଙ୍କ ରାତ୍ର ଆଶ୍ରୟସ୍ଥଳି ବାବଦ ଖର୍ଚ୍ଚକୁ ମିଶାଇ ଏହି ଯୋଜନାରେ ପ୍ରତ୍ୟେକ ୟୁନିଟ୍ ପିଛା ୩୭୫୦ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। କୁକୁଡ଼ା ଚିଆଁ ପିଛା ୬୫ ଟଙ୍କା ଓ ରାତ୍ର ଆଶ୍ରୟସ୍ଥଳୀ ପାଇଁ ୫୦୦ ଟଙ୍କାର ବ୍ୟବସ୍ଥା କରାଯାଇଛି।
- ବ୍ଲକ୍ ପ୍ରାଣୀଚିକିତ୍ସା ଅଧିକାରୀ ଓ ବ୍ଲକସ୍ତରୀୟ ମିଶନ ଶକ୍ତି କାର୍ଯ୍ୟକର୍ତ୍ତାଙ୍କ ମିଳିତ ସହଯୋଗରେ ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କୁ ହିତାଧିକାରୀ ରୂପେ ଚୟନ କରାଯିବ।
- ପ୍ରତ୍ୟେକ ହିତାଧିକାରୀ ୪ ସପ୍ତାହ ବୟସର ୫୦ ଗୋଟି ଲିଙ୍ଗ ନିରୂପଣ କରାଯାଇନଥିବା ସ୍ୱଳ୍ପ ଖର୍ଚ୍ଚଯୁକ୍ତ କୁକୁଡ଼ା ଚିଆଁ ପାଳନ କରିବା ପାଇଁ ସହାୟତା ପାଇବେ।
- ପ୍ରାରମ୍ଭିକ ଅବସ୍ଥାରେ ୟୁନିଟ୍‌ର ସମସ୍ତ ଖର୍ଚ୍ଚ (୩୭୫୦ ଟଙ୍କା) ରାଜ୍ୟ ସରକାର ହିତାଧିକାରୀମାନଙ୍କୁ ପ୍ରଦାନ କରିବେ।








ଅଧିକ ଜାଣିବା ପାଇଁ ନିକଟସ୍ଥ ବ୍ଲକ ପ୍ରାଣୀଚିକିତ୍ସା ଅଧିକାରୀ କିମ୍ବା ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ

**ସରକାରୀ ଯୋଜନାର ସାହାଯ୍ୟ ନିଅନ୍ତୁ, ଚିନ୍ତା ନକରି ଜୀବିକା ନିର୍ବାହ କରନ୍ତୁ...**

ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର